# NATIONAL NEWS BULLETIN (ODIA)

**29 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଜାରି ରହିଛି ସାର୍ବଜନୀନ ପରୀକ୍ଷା ଆସାଧୁ ନିବାରଣ ସଂଶୋଧନ ବିଲ୍ ୨୦୨୬ ଉପରେ ଆଲୋଚନା

–ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ

- ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଧେୟକ ୨୦୨୬ ଲୋକସଭାରେ ଆଗତ

- ବାଘ ସଂରକ୍ଷଣ ଏବଂ ବଂଶବୃଦ୍ଧି ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ

- ଓଡ଼ିଆ ଆନିମେସନ ଚଳଚ୍ଚିତ୍ର 'ମହାପ୍ରଭୁ ଜଗନ୍ନାଥ' ମୁକ୍ତିଲାଭ ବିରୁଦ୍ଧରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଗତ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

ଏବଂ

- ହର୍ମୁଜ ପ୍ରଣାଳୀ ନିକଟରେ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତର ଦୃଢ଼ ନିନ୍ଦା

---

# ଏଲ୍‌ଏସ୍-ଏକ୍‌ଜାମିନେସନ

ସାର୍ବଜନୀନ ପରୀକ୍ଷା ଅସାଧୁ ଉପାୟ ନିବାରଣ ସଂଶୋଧନ-୨୦୨୬ ଉପରେ ଲୋକସଭାରେ ଆଲୋଚନା ଜାରି ରହିଛି । ୨୦୨୪ ଆଇନକୁ ସଂଶୋଧନ ନେଇ ଏହି ବିଲ୍‌ରେ କେତେକ ପ୍ରସ୍ତାବ ରହିଛି । କାର୍ମିକ, ସାଧାରଣ ଅଭିଯୋଗ ଓ ପେନସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଗତ ସୋମବାର ଏହି ବିଲ୍‌କୁ ଲୋକସଭାରେ ଆଗତ କରିଥିଲେ । ଆଜିର ଆଲୋଚନାରେ ଅଂଶ ଗ୍ରହଣ କରି ଜେଡିୟୁ ସାଂସଦ ଦୀନେଶ୍ୱର କମାଇ ବିଲ୍ ଆଗତ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ବୃଦ୍ଧି ସହିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହେବ । ଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ବିଲ୍ ଅଣାଯାଇଛି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଆର୍‌ଏସ୍‌ପି ର ଏମ୍.କେ. ପ୍ରେମଚନ୍ଦ୍ରନ ପ୍ରସ୍ତାବିତ ବିଲ୍‌ରେ ରହିଥିବା ପରିବର୍ତ୍ତନ ଜନିତ ପ୍ରସ୍ତାବ କେବଳ ଲୌକିକତା ବୋଲି ଅଭିଯୋଗ କରିଛନ୍ତି ।

ପୂର୍ବାହ୍ନ ୧୧ଟାରେ ଆଜି ଗୃହର ଅଧିବେଶନ ଆରମ୍ଭ ହେବା କ୍ଷଣି ବାଚସ୍ପତି ଓମ୍ ବିର୍ଲା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍ ହରଜିନ୍ଦର କୌର ଏବଂ ଗୁଲ୍‌ବୀର ସିଂଙ୍କୁ ଅଭିନନ୍ଦନ ଜଣାଇଥିଲେ । ପ୍ରଶ୍ନକାଳ ଆରମ୍ଭ ମାତ୍ର ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଗୃହରେ ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗ ଜନିତ ପ୍ରତିବାଦକାରୀଙ୍କ ଉପରେ

ପୋଲିସ୍‌ର କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ହଟ୍ଟଗୋଳ ସୃଷ୍ଟି କରିଥିଲେ । ଗୃହକାର୍ଯ୍ୟ ସମ୍ଭବ ନ ହେବାରୁ ବାଚସ୍ପତି ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

ରାଜ୍ୟସଭାରେ ମଧ୍ୟ ଅନୁରୂପ ପରିସ୍ଥିତି ଜାରି ରହିବାରୁ ପ୍ରଥମ ପର୍ଯ୍ୟାୟରେ ମଧ୍ୟାହ୍ନ ୧୨ଟା ଏବଂ ପରେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଛି ।

---

## ଏଲ୍‌ଏସ୍-ବାର୍ଥ୍ ଆଣ୍ଡ୍ ଡେଥ୍

ଲୋକସଭାରେ ଆଜି ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ସଂଶୋଧନ ବିଧେୟକ ୨୦୨୬ ଆଗତ ହୋଇଛି । ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏହି ବିଲ୍ ଆଗତ କରିଛନ୍ତି । ଜନ୍ମ ଏବଂ ମୃତ୍ୟୁ ପଞ୍ଜୀକରଣ ଆଇନ ୧୯୬୯କୁ ସଂଶୋଧନ କରିବା ନେଇ ଏଥିରେ କେତେକ ପ୍ରସ୍ତାବ ରହିଛି । ଜନ୍ମ କିମ୍ବା ମୃତ୍ୟୁର ୧ ବର୍ଷରୁ ୨ ବର୍ଷ ମଧ୍ୟରେ ଦାଖଲ ହୋଇଥିବା ରିପୋର୍ଟ ଉପରେ ଯାଞ୍ଚ ପରେ ଜିଲ୍ଲା ମାଜିଷ୍ଟ୍ରେଟ୍, ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ୍ ଅଥବା କ୍ଷମତାପ୍ରାପ୍ତ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଅନୁମୋଦନ ସହିତ ଏହାକୁ ପଞ୍ଜୀକରଣ କରାଯିବା ନେଇ ବିଧେୟକରେ ପ୍ରସ୍ତାବ ରହିଛି । ତେବେ ୨ବର୍ଷରୁ ଅଧିକ ସମୟ ପରେ ହୋଇଥିବା ରିପୋର୍ଟରେ କେବଳ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ପଞ୍ଜୀକରଣ କରାଯାଇ ପାରିବ । ବିଳମ୍ବିତ ପଞ୍ଜୀକରଣ ପାଇଁ ବ୍ୟବସ୍ଥାକୁ ଅଧିକ କଠୋର କରିବା ଏବଂ ଜନ୍ମ ଓ ମୃତ୍ୟୁର ସମୟାନୁଯାୟୀ ରିପୋର୍ଟିଂକୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏହି ସଂଶୋଧିତ ବିଧେୟକ ଆଗତ କରାଯାଇଛି ।

---

# ଲୋକସଭା ଓ୍ୱାନ୍ ନେସନ

ଲୋକସଭା 'ଏକ ଦେଶ ଏକ ନିର୍ବାଚନ' ସମ୍ପର୍କିତ ମିଳିତ ସଂସଦୀୟ କମିଟିର କାର୍ଯ୍ୟକାଳକୁ ବୃଦ୍ଧି କରିଛି । ଲୋକସଭାରେ ଆଜି କମିଟିର ଅଧ୍ୟକ୍ଷ ବିଜେପି ସଦସ୍ୟ ପି.ପି. ଚୌଧୁରୀ ସମ୍ବିଧାନର ୧୨୯ତମ ସଂଶୋଧନ ବିଲ୍ ୨୦୨୪ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ ସଂଶୋଧନ ବିଲ୍ ୨୦୨୪ ଉପରେ କାର୍ଯ୍ୟକାଳ ବୃଦ୍ଧି ନେଇ ଏକ ପ୍ରସ୍ତାବ ଆଗତ କରିଥିଲେ । ବାଚନିକ ଭୋଟରେ ଏହି ପ୍ରସ୍ତାବ ଗୃହରେ ପାରିତ ହୋଇଛି । ଆସନ୍ତା ଶୀତକାଳୀନ ଅଧିବେଶନର ଶେଷ ସପ୍ତାହର ପ୍ରଥମଦିନ ପର୍ଯ୍ୟନ୍ତ କମିଟି କାର୍ଯ୍ୟକାଳକୁ ବୃଦ୍ଧି କରାଯାଇଛି ।

# ଆସାମ ଫ୍ଲଡ୍

ଆସାମରେ ଦେଖାଦେଇଥିବା ବନ୍ୟା ସ୍ଥିତି ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା' ମୁଖ୍ୟମନ୍ତ୍ରୀ  ହିମନ୍ତ ବିଶ୍ୱଶର୍ମାଙ୍କ ସହ ଆଲୋଚନା କରିବା ସହ ଅପର ଆସାମରେ ହୋଇଥିବା ଭୟାବହ ବନ୍ୟା ପରବର୍ତ୍ତୀ ସହାୟତା କାର୍ଯ୍ୟର ସମୀକ୍ଷା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ଶର୍ମା କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ବନ୍ୟା ପରିସ୍ଥିତି ସଂପର୍କରେ ପଚାରି ବୁଝିଛନ୍ତି ଏବଂ ବନ୍ୟା ପ୍ରଭାବିତ ଅଞ୍ଚଳରେ ସହାୟତା, ପୁନରୁଦ୍ଧାର ତଥା ପୁନଃନିର୍ମାଣ ପାଇଁ କେନ୍ଦ୍ର ସରକାର ସମସ୍ତ ଆବଶ୍ୟକ ସହଯୋଗ ଯୋଗାଇ ଦେବେ ବୋଲି ଆଶ୍ୱାସନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଏହି କଠିନ ସମୟରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ଆବଶ୍ୟକ ସେବା ଯୋଗାଉ ଦେଉଛନ୍ତି ।

ଅନ୍ୟପକ୍ଷରେ ବନ୍ୟା ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ଶିବସାଗର, ଗୋଲାଘାଟ, ଚରାଇଦେଓ, ଜୋରହାଟ ଜିଲ୍ଲାରେ ଯୁଦ୍ଧକାଳୀନ ଭିତ୍ତିରେ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ପୁନର୍ବାସ କାର୍ଯ୍ୟ ଜାରି ରହିଛି । ତେବେ ସ୍ଥିତି ସ୍ୱାଭାବିକ ହେଉଥିବା ବେଳେ କେତେକ ପ୍ରଭାବିତ ଅଞ୍ଚଳରେ ବନ୍ୟା ଜଳ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଉଛି । ଆସାମ ସରକାର ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଅନେକ ସହାୟତା ଓ ପୁନର୍ବାସ ପଦକ୍ଷେପ ଗ୍ରହଣ  କରିଛନ୍ତି ।

## ଟାଇଗର ଡେ

ବ୍ୟାଘ୍ର ସଂରକ୍ଷଣ, ସେମାନଙ୍କ ପ୍ରାକୃତିକ ବାସସ୍ଥଳୀର ସୁରକ୍ଷା ଏବଂ ବଂଶ ବୃଦ୍ଧି ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ କରାଯାଉଛି । ୨୦୧୦ ନଭେମ୍ବରରେ ରୁଷର ସେଣ୍ଟ୍ ପିଟର୍ସବର୍ଗ ବ୍ୟାଘ୍ର ସମ୍ମିଳନୀ ଅବସରରେ ଏହି ଦିବସ ପାଳନ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭାରତ ସମେତ ବ୍ୟାଘ୍ର ବାସସ୍ଥଳୀ ଥିବା ୧୩ଟି ଦେଶର ନେତୃମଣ୍ଡଳୀ ୨୦୨୨ ସୁଦ୍ଧା ବାଘ ସଂଖ୍ୟା ଦ୍ୱିଗୁଣିତ କରିବା ଲକ୍ଷ୍ୟ ନେଇ ଏକ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ଗ୍ରହଣ କରିଥିଲେ । ସାଂପ୍ରତିକ ବିଶ୍ୱ ଆକଳନ ଅନୁଯାୟୀ ୫ ହଜାର ୭୧୧ଟି ବାଘ ଏବେ ରହିଛନ୍ତି । ବିଜ୍ଞାନ ଆଧାରିତ ପଦ୍ଧତି, ସାଂଗଠନିକ ସହାୟତା ମାଧ୍ୟମରେ ଭାରତ ବିଶ୍ୱସ୍ତରରେ ବାଘ ସଂରକ୍ଷଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି । ବିଶ୍ୱର ପ୍ରାୟ ୭୦ ପ୍ରତିଶତ ବାଘ ଭାରତରେ ରହିଥିବା କୁହାଯାଇଛି ।

ଏହି ଦିବସ ପାଳନ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ବାଘଙ୍କ ବାସସ୍ଥଳୀ ସଂରକ୍ଷଣ, ତଦାରଖ, ଶିକାର ବିରୋଧୀ ପଦକ୍ଷେପ ଏବଂ ବନ କର୍ମଚାରୀ ତଥା ସ୍ଥାନୀୟ ସଂପ୍ରଦାୟଙ୍କ ନିରନ୍ତର ସହଯୋଗ ମାଧ୍ୟମରେ  ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଇଛି । ବିଶ୍ୱସ୍ତରରେ ସର୍ବାଧିକ ବାଘ ଭାରତରେ ରହୁଥିବା ଜଣାପଡ଼ିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି, ବାଘ ସଂରକ୍ଷଣ ପ୍ରୟାସ ଦେଶର ଶତାବ୍ଦୀ ପୁରୁଣା ସଂସ୍କୃତି ଦ୍ୱାରା ପ୍ରେରିତ। ପ୍ରକୃତି ସହ ସମନ୍ୱୟ ରକ୍ଷା କରି ଜୀବନଯାପନ ଏବଂ ନାଗରିକଙ୍କ ସାମୂହିକ ଇଚ୍ଛାଶକ୍ତି ଦ୍ୱାରା ଏହି କ୍ଷେତ୍ର ଗତିଶୀଳ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି, ଦେଶର ୫୮ଟି ଅଭୟାରଣ୍ୟରେ ପାଖାପାଖି ୩ ହଜାର ୬୮୨ଟି ବାଘ ରହିଛନ୍ତି । ବ୍ୟାଘ୍ର ସଂରକ୍ଷଣ ଏବଂ ସେମାନଙ୍କର ପରିସଂସ୍ଥାନକୁ ସୁରକ୍ଷା ଦେବା ନେଇ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ସେ ପ୍ରକାଶ କରିଛନ୍ତି ।

**V/O**

---

# ଏସ୍‌ସି-ଫିଲ୍ମ

ଓଡ଼ିଆ ଆନିମେଶନ ଚଳଚ୍ଚିତ୍ର 'ମହାପ୍ରଭୁ ଜଗନ୍ନାଥ' ମୁକ୍ତିଲାଭ ବିରୁଦ୍ଧରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଗତ ଆବେଦନକୁ ସୁପ୍ରିମକୋର୍ଟ ଆଜି

ଖାରଜ କରିଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଡି.ଭି. ନାଗରତ୍ନା ଏବଂ ଜଷ୍ଟିସ୍ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି, ପିଲାମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଏହା ହେଉଛି କଳାର ଏକ ନୂତନ ରୂପ । ଏଭଳି ଆବେଦନ ମାଧ୍ୟମରେ ଏହାକୁ ହ୍ରାସ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି । ଚଳଚ୍ଚିତ୍ରର ମୁକ୍ତିଲାଭକୁ ନେଇ ଦିଆଯାଇଥିବା ପୂର୍ବ ଅନୁମତିକୁ ଖଣ୍ଡପୀଠ କାଏମ ରଖିଛନ୍ତି । ସୂଚନାଯୋଗ୍ୟ, ଏହି ଚଳଚ୍ଚିତ୍ର ଉପରେ ସମାଜର କିଛି ବର୍ଗଙ୍କଠାରୁ ଆପତ୍ତି ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଏହାର ମୁକ୍ତିଲାଭ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଅଭିଯୋଗ ଆଧାରରେ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଥିଲେ ।

## ଜାପାନ ଡେଥ୍

ଦକ୍ଷିଣ-ପଶ୍ଚିମ ଜାପାନର କୁମାମୋଟୋ ଅଞ୍ଚଳରେ ଗତକାଲି ହୋଇଥିବା ଭୂକମ୍ପ ଯୋଗୁଁ ୧୩ ଜଣଙ୍କର ମୃତ୍ୟୁ ଘଟିଛି । ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଥିବା ବେଳେ ପରିବହନ ବ୍ୟବସ୍ଥାରେ ଅସ୍ୱାଭାବିକତା ଦେଖାଦେଇଛି । ପ୍ରବଳ ଗରମ ଯୋଗୁଁ ଆଶ୍ରୟସ୍ଥଳୀରେ ଥିବା ହଜାର ହଜାର ଲୋକଙ୍କୁ ଦିଆଯାଉଥିବା ସହାୟତା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । କ୍ୟୁସୁ ସିନ୍‌କାନ୍‌ସେନ୍ ବୁଲେଟ୍ ଟ୍ରେନ୍ ଏବଂ କିଛି ବିମାନ ବନ୍ଦରରେ ବିମାନ ଚଳାଚଳ ବ୍ୟାହତ ହୋଇଛି । ସେନା ଓ ଜରୁରୀକାଳୀନ ସେବାର କର୍ମଚାରୀମାନେ ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି । ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି କହିଛନ୍ତି, ପ୍ରଭାବିତ ଅଞ୍ଚଳରେ ଉଦ୍ଧାରକାର୍ଯ୍ୟ ଚାଲିଛି । ୩୬

ହଜାର ୯୦୦ ଘରକୁ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିବା ବେଳେ ଅନେକ ଅଞ୍ଚଳରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି ।

ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଜାପାନ ଭୂମିକମ୍ପକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର କହିଛନ୍ତି ଏଭଳି ପରିସ୍ଥିତିରେ ଜାପାନର ଜନସାଧାରଣ ଓ ସରକାରଙ୍କ ପ୍ରତି ଭାରତର ସମର୍ଥନ ରହିଛି ।

## ପି.ହରିଶ୍-ହର୍ମୁଜ

ହର୍ମୁଜ ପ୍ରଣାଳୀ ନିକଟରେ କେତେକ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି । ଏହି ଅଞ୍ଚଳରେ ବାଣିଜ୍ୟିକ ପରିବହନ ଓ ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରାଯାଉଥିବାରୁ ତାହାକୁ ବନ୍ଦ କରାଯିବା ଉଚିତ ବୋଲି ମିଳିତ ଜାତିସଂଘରେ  ଅବସ୍ଥାପିତ ଭାରତର ସ୍ଥାୟୀ ପ୍ରତିନିଧି  ପି. ହରିଶ୍ କହିଛନ୍ତି । ଏହି ଅଞ୍ଚଳରେ ଚାଲିଥିବା ସଂଘର୍ଷରେ କିଛିସମୟର ବିରତି ପରେ ପୁଣି ଆକ୍ରମଣ ଓ ଶତ୍ରୁତା ବୃଦ୍ଧି ପାଇବା ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି । ଚଳିତମାସରେ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ବେଳେ GFS-GALAXY, MT ଅଲ୍ ବାହିଆ ଏବଂ MT ମୋମ୍ବାସା ସମେତ କେତେକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଶ୍ରୀ ହରିଶ ଭାରତ ପକ୍ଷରୁ ଦୃଢ଼ ନିନ୍ଦା କରିଛନ୍ତି । ସେ କହିଛନ୍ତି, ଅନ୍ତର୍ଜାତୀୟ ଜଳପଥ ଦେଇ ମୁକ୍ତ ତଥା ଅବାଧ ଜାହାଜ ଚଳାଚଳ ଏବଂ ବାଣିଜ୍ୟର ପୁନରୁଦ୍ଧାର କରାଯିବା ଆବଶ୍ୟକ ।